**OFFICE OF THE MUNICIPAL COUNCIL**
KENDRAPARA
Phone : (06727) 232780 (O)
Fax : 06727 - 233929

KENDRAPARA MUNICIPALITY
ESTD 10.03.1869

**ପୌର ପରିଷଦ କାର୍ଯ୍ୟାଳୟ**
କେନ୍ଦ୍ରାପଡ଼ା
☎: (୦୬୭୨୭) ୨୩୨୭୮୦ (କାର୍ଯ୍ୟାଳୟ)
ଫ୍ୟାକ୍ସ : ୦୬୭୨୭ - ୨୩୩୯୨୯

ପତ୍ର ସଂଖ୍ୟା ୧୯୮ ତାରିଖ ୧୪/୦୧/୨୬

## ବିଜ୍ଞପ୍ତି

ଏତଦ୍ବାରା କେନ୍ଦ୍ରାପଡ଼ା ପୌରାଞ୍ଚଳରେ ଥିବା ସମସ୍ତ ମିଶନଶକ୍ତି ଗ୍ରୁପ ମାନଙ୍କ ଠାରୁ ଆହାରକେନ୍ଦ୍ର ନିମନ୍ତେ ଗରମ ରନ୍ଧାଖାଦ୍ୟ ତିଆରି କରିବା ଏବଂ ଖାଦ୍ୟପରିବେଷଣ ନିମନ୍ତେ ଦରଖାସ୍ତ ଆହ୍ବାନ କରାଯାଉଛି। ଏହି ଦାୟିତ୍ୱ ୨ ବର୍ଷ ପାଇଁ ଦିଆଯିବ। ଦାୟିତ୍ୱ ନେବାକୁ ଥିବା ଇଚ୍ଛୁକ ମିଶନଶକ୍ତି ଗ୍ରୁପର ରିଭୁଲେସନ ଖାତା, ବ୍ୟାଙ୍କ ପାସବୁକ, ଗୋଷ୍ଠି ର କ୍ଯାଶ ବୁକ ର ନକଲ ଓ ରିଜୁଲେସନ ମାଧ୍ଯମରେ ନିମ୍ନ ସ୍ବାକ୍ଷରକାରୀଙ୍କୁ ଲିଖିତ ଭାବରେ ଏହି ବିଜ୍ଞପ୍ତି ଜାରି ପର ଠାରୁ (୧୫/୦୧/୨୦୨୬ ରୁ ୨୯/୦୧/୨୦୨୬)୧୦ କାର୍ଯ୍ୟ ଦିବସ ମଧ୍ୟରେ (ଟେଣ୍ଡରପେପର) ବାବଦକୁ ୫୦୦/ଟଙ୍କା ରସିଦ କାଟି କେନ୍ଦ୍ରାପଡ଼ା ପୌରପରିଷଦ କାର୍ଯ୍ୟାଳୟ ରେ ଆବେଦନ ପତ୍ର ଦାଖଲ କରିବାକୁ ହେବ। କେବଳ ଅଫିସ ଡ୍ରପବକ୍ସ ମାଧ୍ୟମରେ ଆବେଦନ ଗ୍ରହଣ କରାଯିବ। ତା ୩୦/୦୧/୨୦୨୬ ରିଖ ଅପରାହ୍ନ ୩ ଘଟିକା ସମୟ ରେ ସର୍ବ ସମ୍ମୁଖ ରେ ବାକ୍ସ ଖୋଲାଯିବ। ଧାର୍ଯ୍ୟ ଦିନ ଗତେ କୌଣସି ଦରଖାସ୍ତ ବିଚାରକୁ ନିଆଯିବ ନାହିଁ । କର୍ତ୍ତୃପକ୍ଷ ଚାହିଁଲେ କୌଣସି କାରଣ ନଦର୍ଶାଇ ଟେଣ୍ଡର ରଦ୍ଦ/ନାକଚ କରିପାରିବେ । କେନ୍ଦ୍ରାପଡ଼ା ଜିଲ୍ଲାପାଳ ଙ୍କ ଅଫିସ ୱେବସାଇଟ www.kendrapara.odisha.gov.in ରୁ ଦେଖି ପାରିବେ । ଅଧିକ ବିବରଣୀ ପାଇଁ CO ଓ DMM ସହିତ ଯୋଗାଯୋଗ କରିପାରିବେ ।

(Signature) ୧୪/୦୧/୨୬
ନିର୍ବାହୀ ଅଧିକାରୀ
For କେନ୍ଦ୍ରାପଡ଼ା ପୌରପରିଷଦ

ପରିପତ୍ର ସଂଖ୍ୟା: ୧୯୯ ତାରିଖ: ୧୪/୦୧/୨୬
ଏହାରଏକକିତା ନକଲ **ପ୍ରକଳ୍ପନିର୍ଦ୍ଦେଶକ, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା, କେନ୍ଦ୍ରାପଡ଼ା ଙ୍କ** ସୂଚନା ନିମନ୍ତେ ପ୍ରେରଣ କରାଗଲା ।

(Signature) ୧୪/୦୧/୨୬
ନିର୍ବାହୀ ଅଧିକାରୀ
For କେନ୍ଦ୍ରାପଡ଼ା ପୌରପରିଷଦ

ପରିପତ୍ର ସଂଖ୍ୟା. ୨୦୦ ତାରିଖ. ୧୪/୦୧/୨୬
ଏହାର ଏକକିତା ନକଲ ଅଫିସ ନୋଟିସ ବୋର୍ଡ,CDPO ଅଫିସ /ସମସ୍ତ ମିଶନ ଶକ୍ତି ଗ୍ରୁପ ର ଅବଗତି ନିମନ୍ତେ ଜଣା ଇ ଦିଆଯାଉଅଛି ।

(Signature) ୧୪/୦୧/୨୬
ନିର୍ବାହୀ ଅଧିକାରୀ
For କେନ୍ଦ୍ରାପଡ଼ା ପୌରପରିଷଦ

## ମିଶନଶକ୍ତି ଗୃପଙ୍କ ଯୋଗ୍ୟତା ପରିମାପକ (ଖାଦ୍ୟ ରୋଷେଇ ନିମନ୍ତେ)।

| କ୍ରମ ସଂଖ୍ୟା | ମାନଦଣ୍ଡ | ଯୋଗ୍ୟତା ପରିମାପକ |
|---|---|---|
| ୧ | ଗୋଷ୍ଠୀ ଗଠନ | ୧୪/୦୧/୨୦୨୧ ସୁଦ୍ଧା ଗଠନ ହୋଇଥିବ । |
| ୨ | ଗୋଷ୍ଠୀ ପରିଚାଳନା | ପଞ୍ଚସୂତ୍ରର କଠୋର ଅନୁପାଳନ କରାଯାଉଥିବ (ନିୟମିତ ବୈଠକ, ନିୟମିତ ସଞ୍ଚୟ, ନିୟମିତ ଋଣ ପରିଶୋଧ, ନିୟମିତ ହିସାବ, ନିୟମିତ ନଥି ସଂରକ୍ଷଣ । |
| ୩ | PAN | ମିଶନଶକ୍ତି ଗୃପ ର pan କାର୍ଡ ନମ୍ବର ଥିବ । |
| ୪ | ଆୟକାରୀ କାର୍ଯ୍ୟବିଧି | ମିଶନଶକ୍ତି ଗୋଷ୍ଠୀ ପୂର୍ବରୁ ଆୟକାରୀ କାର୍ଯ୍ୟବିଧି ରେ ଅଂଶ ଗ୍ରହଣ କରିଥିବେ । |
| ୫ | ଆର୍ଥିକ ବ୍ୟବହାର | କୌଣସି ଆର୍ଥିକ ଅନିୟମିତତା ହୋଇନଥିବ । ନିଜର ବ୍ଯାଙ୍କ ଖାତାରେ ୧୦ ଲକ୍ଷ ଟଙ୍କା ଜମା ରହିଥିବା ଆବଶ୍ୟକ । |
| ୬ | ଦଳଗତ ନିଷ୍ଠା ଓ ସାଧୁତା | କୌଣସି ଅସମାଜିକ କାର୍ଯ୍ୟ ବା ଅପରାଧ ରେ ଜଡ଼ିତ ନଥିବେ । |
| ୭ | ଯୋଗ୍ୟତା | ମିଶନଶକ୍ତି ଗୃପ ର ସଦସ୍ୟମାନଙ୍କ ଶିକ୍ଷାଗତ ଯୋଗ୍ୟତା ( ନଥିପତ୍ର ପଢି/ବୁଝି ପାରୁଥିବେ) । |
| | | ଆବେଦନ କାରୀ ଗୃପ କୌଣସି ସରକାରୀ କାର୍ଯକ୍ରମରେ ଜଡ଼ିତ ନଥିବେ ତଥା – ସ୍ବଚ୍ଛ ସାଥି, ଜଳସାଥୀ, ମିଲେଟ ମିଶନ, ଶିକ୍ଷା ଓ ସ୍ବାସ୍ଥ୍ୟ ବିଭାଗରେ ଓ ଅନ୍ୟାନ୍ୟ । |
| | | ଆବେଦନ କାରୀ ମିଶନଶକ୍ତି ଗୃପ ର ଖାଦ୍ୟ ରାନ୍ଧିବା ର ଅଭିଜ୍ଞତା ରହିଥିବ । |
| ୮ | ସୂଚନା | ପ୍ରତ୍ୟକ ମିଶନଶକ୍ତି ଗୃପ କେବଳ ଗୋଟିଏ ଯୋଜନା ପାଇଁ ଆବେଦନ କରିପାରିବେ । |

## ଶର୍ତାବଳୀ

୧. ଇଚ୍ଛୁକ ଆବେଦନକାରୀ ଗୋଷ୍ଠୀ ଅଫିସ କାର୍ଯ୍ୟ ଦିବସ ରେ କାର୍ଯଳୟ ପରିସର ରେ ଥିବା ଡ୍ରପ ବକ୍ସ ରେ ଜଉମୁଦ ଲଫାପା ରେ ନଥିପତ୍ର ଜମା କରିପାରିବେ ।

୨. ନିର୍ଦ୍ଧାରିତ ସମୟ ଓ ତାରିଖ ପରେ କୌଣସି ଆବେଦନ ଗ୍ରହଣ କରାଯିବ ନହିଁ ।

୩. ପରବର୍ତୀ ସମୟରେ ଆବଶ୍ୟକ ଅନୁଯାଇ କର୍ତୃପକ୍ଷ ଚାହିଁଲେ ନିୟମ ପରିବର୍ତନ କରିପାରିବେ ।

(signature) ୫/୧/୨୨

ନିର୍ବାହୀ ଅଧିକାରୀ

କେନ୍ଦ୍ରାପଡ଼ା ପୌରପରିଷଦ

## ମିଶନଶକ୍ତି ଗ୍ରୁପଙ୍କ ଯୋଗ୍ୟତା ପରିମାପକ (ଖାଦ୍ୟ ପରିବେଷଣ ନିମନ୍ତେ) ।

| କ୍ରମ ସଂଖ୍ୟା | ମାନଦଣ୍ଡ | ଯୋଗ୍ୟତା ପରିମାପକ |
|---|---|---|
| ୧ | ଗୋଷ୍ଠୀ ଗଠନ | ୧୪/୦୧/୨୦୨୩ ସୁଦ୍ଧା ଗଠନ ହୋଇଥିବ । |
| ୨ | ଗୋଷ୍ଠୀ ପରିଚାଳନା | ପଞ୍ଚସୂତ୍ରର କଠୋର ଅନୁପାଳନ କରାଯାଉଥିବ (ନିୟମିତ ବୈଠକ, ନିୟମିତ ସଞ୍ଚୟ, ନିୟମିତ ଋଣ ପରିଶୋଧ, ନିୟମିତ ହିସାବ, ନିୟମିତ ନଥି ସଂରକ୍ଷଣ |
| ୩ | PAN | ମିଶନଶକ୍ତି ଗ୍ରୁପ ର pan କାର୍ଡ ନମ୍ବର ଥିବ । |
| ୪ | ଆୟକାରୀ କାର୍ଯ୍ୟବିଧି | ମିଶନଶକ୍ତି ଗୋଷ୍ଠୀ ପୂର୍ବରୁ ଆୟକାରୀ କାର୍ଯ୍ୟବିଧି ରେ ଅଂଶ ଗ୍ରହଣ କରିଥିବେ । |
| ୫ | ଆର୍ଥିକ ବ୍ୟବହାର | କୌଣସି ଆର୍ଥିକ ଅନିୟମିତତା ହୋଇନଥିବ । ନିଜର ବ୍ଯାଙ୍କ ଖାତାରେ ୧ ଲକ୍ଷ ଟଙ୍କା ଜମା ରହିଥିବା ଆବଶ୍ୟକ । |
| ୬ | ଦଳଗତ ନିଷ୍ଠା ଓ ସାଧୁତା | କୌଣସି ଅସମାଜିକ କାର୍ଯ୍ୟ ବା ଅପରାଧ ରେ ଜଡ଼ିତ ନଥିବେ । |
| ୭ | ଯୋଗ୍ୟତା | ମିଶନଶକ୍ତି ଗ୍ରୁପ ର ସଦସ୍ୟମାନଙ୍କ ଶିକ୍ଷାଗତ ଯୋଗ୍ୟତା ( ନଥିପତ୍ର ପଢି/ବୁଝି ପାରୁଥିବେ) |
| | | ଆବେଦନ କାରୀ ଗ୍ରୁପ କୌଣସି ସରକାରୀ କାର୍ଯକ୍ରମରେ ଜଡ଼ିତ ନଥିବେ ତଥା – ସ୍ବଚ୍ଛ ସାଥି, ଜଳସାଥୀ, ମିଲେଟ ମିଶନ, ଶିକ୍ଷା ଓ ସ୍ବାସ୍ଥ୍ୟ ବିଭାଗରେ ଓ ଅନ୍ୟାନ୍ୟ । |
| | | ଆବେଦନ କାରୀ ମିଶନଶକ୍ତି ଗ୍ରୁପ ର ଖାଦ୍ୟ ପରିବେଷଣ ର ଅଭିଜ୍ଞତା ରହିଥିବ । |
| ୮ | ସୂଚନା | ପ୍ରତ୍ୟକ ମିଶନଶକ୍ତି ଗ୍ରୁପ କେବଳ ଗୋଟିଏ ଯୋଜନା ପାଇଁ ଆବେଦନ କରିପାରିବେ । |

### ଶର୍ତାବଳୀ

୧. ଇଚ୍ଛୁକ ଆବେଦନକାରୀ ଗୋଷ୍ଠୀ ଅଫିସ କାର୍ଯ୍ୟ ଦିବସ ରେ କାର୍ଯ୍ୟାଳୟ ପରିସର ରେ ଥିବା ଡ୍ରପ ବକ୍ସ ରେ ଜଉମୁଦ ଲଫାପା ରେ ନଥିପତ୍ର ଜମା କରିପାରିବେ ।

୨. ନିର୍ଦ୍ଧାରିତ ସମୟ ଓ ତାରିଖ ପରେ କୌଣସି ଆବେଦନ ଗ୍ରହଣ କରାଯିବ ନହିଁ ।

୩. ପରବର୍ତୀ ସମୟରେ ଆବଶ୍ୟକ ଅନୁଯାଇ କର୍ତୃପକ୍ଷ ଚାହିଁଲେ ନିୟମ ପରିବର୍ତନ କରିପାରିବେ ।

ନିର୍ବାହୀ ଅଧିକାରୀ
କେନ୍ଦ୍ରାପଡ଼ା ପୌରପରିଷଦ